# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୧୨୪ /ସୂ.ଲୋ.ସଂ, ୧୪/୦୨/୨୦୧୯

## ଭୋଟର ସଚେତନତା ବ୍ଲୁ-ବର୍ଟନ୍ ଏକ୍ସପ୍ରେସ ମୋବାଇଲ ଭ୍ୟାନର ଶୁଭାରମ୍ଭ

ଢେଙ୍କାନାଳ ତା ୧୪।୦୨।୨୦୧୯ରିଖ:- ଭୋଟର ସଚେତନତା ବ୍ଲୁ-ବର୍ଟନ୍ ଏକ୍ସପ୍ରେସ ମୋବାଇଲ ଭ୍ୟାନର ଶୁଭାରମ୍ଭ ଆଜି ଜିଲ୍ଲା କାର୍ଯ୍ୟାଳୟରୁ କରାଯାଇଛି। ଓଡ଼ିଶା ଇଲେକସନ ୱାଚ ଏବଂ ଢେଙ୍କାନାଳ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି, ଯାହାକି ଜିଲ୍ଲାର ସମସ୍ତ ବ୍ଲକ ଓ ଗ୍ରାମପଞ୍ଚାୟତଗୁଡ଼ିକରେ ଭୋଟରମାନଙ୍କୁ ସଚେତନ କରିବା ସହିତ ପୋଷ୍ଟର ଓ ଲିଫଲେଟ ମାଧ୍ୟମରେ "ମୋ ଭୋଟ - ମୋ ଦେଶ" ଓ "ମୋ ଭୋଟ ସଉଦା ପାଇଁ ନୁହେଁ" କାର୍ଯ୍ୟର ପ୍ରଚାର ଓ ପ୍ରସାର କରିବ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ସଦର ଉପଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଡେପୁଟି କଲେକ୍ଟର(ନିର୍ବାଚନ) ଶ୍ରୀମତୀ ରଶ୍ମୀରେଖା ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପ୍ରଦୀପ୍ତ କୁମାର ମହାନ୍ତି, ସହକାରୀ ଜିଲ୍ଲାପାଳ (ନିର୍ବାଚନ) ଶ୍ରୀ ଭବାନନ୍ଦ ସାହୁ, ଜିଲ୍ଲା ଇଲେକସନ ୱାଚର ସଂଯୋଜକ ତଥା ନ୍ୟୁଜ ଓଡ଼ିଶା ସଂପାଦକ ଶ୍ରୀ ଶୋଭଦେବ ରାଉତ ପ୍ରମୁଖ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମିଶ୍ର ନିର୍ବାଚନ କମିଶନଙ୍କ ଆଦେଶ ମୁତାବକ ଆସନ୍ତା ସାଧାରଣ ନିର୍ବାଚନରେ କୌଣସି ଭୋଟର ଭୋଟଦାନରୁ ବଂଚିତ ନ ହେବା ପାଇଁ ପରାମର୍ଶ ଦେଇଥିଲେ। ଭୋଟର ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ ବୋଲି ସେ କହିଥିଲେ। ପି.ଡି. ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ଓଡ଼ିଶା ଇଲେକସନ ୱାଚର ଏହି ଭୋଟର ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଢେଙ୍କାନାଳ ଜିଲ୍ଲାର ଭୋଟରମାନେ ଏଥିଦ୍ୱାରା ସଚେତନ ହେବେ ବୋଲି ସେ ଦୃଢ଼ ଆଶା ପୋଷଣ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ପ୍ରଧାନ, ଭୋଟର ସଚେତନ ହେଲେ ପ୍ରଶାସନ ଲୋକାଭିମୁଖୀ ହେବ ଏବଂ କୌଣସି ଭୋଟର ଭୋଟଦାନରୁ ବାଦ ନ ହେବାକୁ ନିବେଦନ କରିଥିଲେ। ପ୍ରତି ଭୋଟର ମୂଲ୍ୟ ରହିଛି ଓ ଆଗାମୀ ନିର୍ବାଚନରେ ଭୋଟରମାନେ ନିଜ ନିଜର ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ସୁନିଶ୍ଚିତ ମତଦାନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଶେଷରେ

ଜିଲ୍ଲା ସଂଯୋଜକ ଶ୍ରୀ ଶରତ ଉପସ୍ଥିତ ସମସ୍ତ ଅତିଥି, କର୍ମଚାରୀ ଓ ସଚେତନ ଭୋଟରମାନଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶଥାଉକି ଓଡ଼ିଶା ଇଲେକ୍ସନ ୱାଚ୍ ଏହି ବ୍ଲୁ ବଟନ୍ ଏକ୍ସପ୍ରେସ ଭୋଟର ସଚେତନତା ରଥ ଫେବୃଆରୀ ୧୭ରୁ ଭୁବନେଶ୍ୱରରୁ ବାହାରି କଟକ ଓ ଢେଙ୍କାନାଳରେ ଆଜି ପହଞ୍ଚିଛି । ଏହାପରେ ଅନୁଗୋଳ, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଜିଲ୍ଲା ପରିକ୍ରମା କରିବ । ସେହିପରି ଦ୍ୱିତୀୟ ମୋବାଇଲ ଭ୍ୟାନଟି ଭୁବନେଶ୍ୱରରୁ ଫେବୃଆରୀ ୧୭ରେ ବାହାରି ଖୋର୍ଦ୍ଧା, ଗଂଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ପରିକ୍ରମା କରି ଫେବୃଆରୀ ୨୮ରେ ପ୍ରତ୍ୟାବର୍ତ୍ତନ କରିବ ବୋଲି ରାଜ୍ୟ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ରଘୁରାମ ଆର. ଆୟାରଙ୍କ ସୂତ୍ରରୁ ଜଣାପଡ଼ିଛି ।

— x —

ହେମନ୍ତ କୁମାର ନାୟକ
୧୬/୦୨/୨୦୧୯

ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ